# ଉଦ୍ୟାନ କୃଷି ଉପନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ, ମୟୂରଭଞ୍ଜ , ବାରିପଦା

ନିଲାମ ବିଜ୍ଞାପନ ସଂଖ୍ୟା ୧୩୮୦ ତା ୧୩-୦୩-୨୫

(ଆମ୍ବ ଓ ଲିଚୁ ଫଳ ନିଲାମ ସମ୍ବନ୍ଧେ )

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଅଛି ଯେ, ନିମ୍ନ ଲିଖିତ ବଗିଚା ଗୁଡିକରେଆମ୍ବ ଓ ଲିଚୁ ଗଛର ଫଳ ନିଲାମ ନିମନ୍ତେ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ତରଫରୁ ଜଉମୁଦ ଦିଆ ନିଲାମଆବେଦନ ଆହ୍ୱାନ କରାଯାଉଛି।ନିଲାମ ସଂକ୍ରାନ୍ତୀୟ ନିର୍ଦ୍ଧାରିତ ଫର୍ମଓ ସମସ୍ତ ସର୍ତାବଳୀ ତଥ୍ୟ ନିମ୍ନ ସ୍ୱାକ୍ଷରକାରୀ ଏବଂ ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ, କରଞ୍ଜିଆ, ରାଇରଙ୍ଗପୁର ଏବଂ ଉଦଳାଙ୍କ କାର୍ଯ୍ୟାଳୟରେ ତା ୨୦.୦୩.୨୦୨୫ ରିଖ ଠାରୁ ସମସ୍ତ ସରକାରୀ କାର୍ଯ୍ୟ ଦିବସମାନଙ୍କରେ ପୂର୍ବାହ୍ନ ୧୦ ଘଟିକା ରୁ ଅପରାହ୍ନ ୫ଘଟିକା ପର୍ଯ୍ୟନ୍ତ ଟ ୧୦୦/-ଙ୍କା (ଏକଶତ ଟଙ୍କା) ମାତ୍ର ବିନିମୟରେ ଉପଲବ୍ଧ ହେବ ।

| କ୍ର. ସଂଖ୍ୟା | ଫାର୍ମ / ନର୍ସରୀ ର ନାମ | ଗାଁର ନାମ ଓ ଠିକଣା | ଫଳ ଗଛର ନାମ | ବଉଳିଥିବା ଗଛ ସଂଖ୍ୟା | ଅମାନତ ଜମା ଟଙ୍କା |
|---|---|---|---|---|---|
| ୧ | କାଳିକା ପ୍ରସାଦ | କାଳିକାପ୍ରସାଦ, ଧଳାବଣି, ଯଶିପୁର | ଆମ୍ବ | ୧୦୫ | ଆବେଦନ ନିଲାମ ରାଶିର ୧୦% (DD/BD) |
| | | | ଲିଚୁ | ୨୫ | |
| ୨ | ଅସନବଣି ଫାର୍ମ | ଅସନବଣି ଚିତ୍ରପଷୀ, କରଞ୍ଜିଆ | ଆମ୍ବ | ୪୫୫ | |
| ୩ | ସାନଦେଉଳି | କରଞ୍ଜିଆ | ଆମ୍ବ | ୨୦ | |

ଆଗ୍ରହୀ ଆବେଦନକାରୀମାନେ ନିଲାମ ମୂଲ୍ୟ ଆକଳନ ପାଇଁ ସଂପୃକ୍ତ ବଗିଚା ଦାୟୀତ୍ୱରେ ଥିବା ଅଧିକାରୀଙ୍କ କାର୍ଯ୍ୟ ଦିବସରେ ପୂର୍ବାହ୍ନ ୧୦ ଘଟିକା ରୁ ଅପରାହ୍ନ ୫ ଘଟିକା ମଧ୍ୟରେ ଉକ୍ତ ଫଳ ବଗିଚା ପରିଦର୍ଶନ କରିପାରିବେ ଏବଂ ନିର୍ଦ୍ଧାରିତ ଫର୍ମରେ ଫର୍ମକିଣା ରସିଦ ଓ ଅମାନତ ରାଶି (ଡିମାଣ୍ଡ ଡ୍ରାଫ୍ଟ / ବ୍ୟାଙ୍କ ଡ୍ରାଫ୍ଟ – **in favour of Assistant Director of Horticulture, Karanjia, Payable at BOI, Karanjia**) ଜଉମୁଦ ଦିଆ ଲଫାପାରେ ନିମ୍ନ ସାକ୍ଷରକାରୀଙ୍କ ନାମରେ କେବଳ ରେଜେଷ୍ଟ୍ରି ଡାକ କିମ୍ବାସ୍ପିଡପୋଷ୍ଟ (Speed Post) ଦ୍ୱାରା କାର୍ଯ୍ୟାଳୟ ଠିକଣା - ଉଦ୍ୟାନ କୃଷି ଉପନିର୍ଦ୍ଦେଶକ, ତକତପୁର,୭୫୭୦୦୩, ବାରିପଦା, ଜିଲ୍ଲା-ମୟୂରଭଞ୍ଜ ରେ ତା ୦୪.୦୪.୨୦୨୫ ରିଖ ଅପରାହ୍ନ ୫ ଘଟିକା ସୁଦ୍ଧା ପହଁଚିବା ଆବଶ୍ୟକ । ଉକ୍ତ ଜଉମୁଦା ଲଫାପା ଗୁଡିକ ତା ୦୫.୦୪.୨୦୨୫ ରିଖ ପୂର୍ବାହ୍ନ ୧୧.୩୦ ଘଟିକା ସମୟରେ ଉକ୍ତ କାର୍ଯ୍ୟାଳୟରେ ଉପସ୍ଥିତ ଥିବା ନିଲାମ କମିଟିର ସମସ୍ତ ସଭ୍ୟ ତଥା ସମସ୍ତ ନିଲାମ ଆବେଦନକାରୀ କିମ୍ବା ସେମାନଙ୍କର ପ୍ରତିନିଧିଙ୍କ ସମ୍ମୁଖରେ ଖୋଲାଯିବ । ସର୍ବୋଚ୍ଚ ନିଲାମ ଧାରୀ, ନିଲାମ ମୂଲ୍ୟର ସମସ୍ତ ଟଙ୍କା ଉକ୍ତ ଦିବସରେ ଅପରାହ୍ନ ୩.୩୦ ଘଟିକା ସୁଦ୍ଧା କାର୍ଯ୍ୟାଳୟରେ ପୈଠ କରିବାକୁ ବାଧ ହେବେ । ଯଦି ଧାର୍ଯ୍ୟ ସମୟ ମଧ୍ୟରେ ନିର୍ଦ୍ଧାରିତ ନିଲାମ ମୂଲ୍ୟର ସମସ୍ତ ଟଙ୍କା ପୈଠ ନକରିପାରିଲେ ଉକ୍ତ ଦିନ ଦ୍ୱିତୀୟ ସର୍ବୋଚ୍ଚ ନିଲାମ ଆବେଦନକାରୀଙ୍କୁ ନିଲାମ ନେବାକୁ ସୁଯୋଗ ଦିଆଯିବ ଓ ପ୍ରଥମ ନିଲାମ ଆବେଦନକାରୀଙ୍କ ଅମାନତ ରାଶି ବ୍ୟାଜାପ୍ତି କରାଯିବ ।

ଅସଫଳ ନିଲାମ ଆବେଦନକାରୀଙ୍କୁ ସେହି ଦିନ ସେମାନଙ୍କ ଅମାନତ ରାଶିର ଡିମାଣ୍ଡ ଡ୍ରାଫ୍ଟ / ବ୍ୟାଙ୍କ ଡ୍ରାଫ୍ଟ ଫେରସ୍ତ ଦିଆଯିବ ଏବଂ ସଫଳ ନିଲାମ ଆବେଦନକାରୀଙ୍କ ଅମାନତ ରାଶି, ସିକ୍ୟୁରିଟି ରାଶି (Security Money ) ରୂପେ ଜମା ରହିବ ଯାହାକି ଫାର୍ମରୁ ଫଳ ଅମଳ ପରେ ବା ଚୁକ୍ତି ସମୟ (ତା୩୦.୦୬.୨୦୨୫ରିଖ) ଶେଷରେ ଓ ବଗିଚାର କୌଣସି କ୍ଷତି ନ କରିଥିଲେ ଫେରସ୍ତ ଦିଆଯିବ । ଧାର୍ଯ୍ୟ ନିଲାମ ଟଙ୍କା ଅଫିସରେ ପୈଠ କଲାପରେ ସର୍ତ୍ତାବଳୀ ଅନୁଯାୟୀ ନିଲାମ ନେଉଥିବା ବ୍ୟକ୍ତି ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ, କରଞ୍ଜିଆଙ୍କ ସହିତ ଚୁକ୍ତି ନାମାରେ ସ୍ୱାକ୍ଷର ପରେ ବଗିଚାରେ ପ୍ରବେଶ ଓ ଫଳ ଅମଳ ପାଇଁ ଅନୁମତି ପାଇବେ । ନିଲାମ ସ୍ଥିରକୃତ ପରେ ପ୍ରାକୃତିକ ଦୁର୍ବିପାକ ଜନିତ କ୍ଷୟ କ୍ଷତି ପାଇଁ ନିମ୍ନ ସ୍ୱାକ୍ଷରକାରୀ ଦାୟୀ ରହିବେ ନାହିଁ । ଆବଶ୍ୟକ ସ୍ଥଳେ କୌଣସି କାରଣ ନ ଦର୍ଶାଇ ଉପରୋକ୍ତ ନିଲାମ ପ୍ରକ୍ରିୟା ବାତିଲ କରିବା କ୍ଷମତା ନିମ୍ନ ସ୍ୱାକ୍ଷାରକାରୀଙ୍କ ସମ୍ପୂର୍ଣ୍ଣ ପରିସରଭୁକ୍ତ । କୌଣସି ଜଟିଳ ପରିସ୍ଥିତି ଉପୁଜିଲେ, ଉଦ୍ୟାନ କୃଷିନିର୍ଦ୍ଦେଶକଙ୍କ ନିଷ୍ପତ୍ତି ହିଁ ଚୂଡାନ୍ତ ।

ଉଦ୍ୟାନକୃଷି ଉପନିର୍ଦ୍ଦେଶକ,
ମୟୂରଭଞ୍ଜ , ବାରିପଦା